DIRECTORATE OF EXTENSION EDUCATION
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ODISHA UNIVERSITY OF AGRICULTURE AND TECHNOLOGY
Bhubaneswar, Pin - 751003
Phone: 0674-2397362 (O), 9437130933 (M)
E-mail: dee@ouat.ac.in


## ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକ ଚିହ୍ନଟ, ଏହାର ଲକ୍ଷଣ ଓ ପରିଚାଳନା


ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା ଓ ଆଦ୍ରତା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି ।

### ମାଟିଆ ଗୁଣ୍ଡି ପୋକ ଲାଗିବା ପାଇଁ ଅନୁକୂଳ ପାଣିପାଗ:

| ତାପମାତ୍ରା (ସେଣ୍ଟିଗ୍ରେଡ୍) | ଆପେକ୍ଷିକ ଆଦ୍ରତା | ପବନର ବେଗ (କିମି/ ଘଣ୍ଟା) | ବର୍ଷା (ମି.ମି./ ସପ୍ତାହ) | ଅନୁକୂଳ ପାଣିପାଗ |
|---|---|---|---|---|
| >୩୦ | >୭୦ | ୫ ରୁ ଅଧିକ | ୦-୩୦ | ବର୍ଷା ପରେ ଖରା ଓ ଆର୍ଦ୍ର ବାତାବରଣ, ଦିନ ତାପମାତ୍ରାରେ ବୃଦ୍ଧି ଏବଂ ରାତି ତାପମାତ୍ରା ୨୧-୨୩ ଡିଗ୍ରୀ ସେଲ୍ସିଅସ୍ ୧୦ ଦିନ ମଧ୍ୟରେ ରହିଲେ ଏହି ପୋକର ପ୍ରାଦୁର୍ଭାବ ବଢ଼ିବାର ସମ୍ଭାବନା ଥାଏ । ଅଗଷ୍ଟ ମାସରୁ ନଭେମ୍ବର ମାସ ମଧ୍ୟରେ ଏହି ପୋକ ମୁଖ୍ୟତଃ ଧାନ ଫସଲକୁ ଆକ୍ରମଣ କରେ । |

### ମାଟିଆଗୁଣ୍ଡି ପୋକର କ୍ଷୟକ୍ଷତି ଲକ୍ଷଣ:





ମାଟିଆଗୁଣ୍ଡି ପୋକ/ ଚକଡା ପୋକ ଏକ ଧୂଷର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି। ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଓ ଜଳସ୍ତର ର ଠିକ ଉପରି ଭାଗରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ ଏବଂ ହଲଚଲ କରିଲେ ମାଛି ଭଳି ଉଡି ବୁଲନ୍ତି । ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ମିଶିକରି ଲାଗିଥାନ୍ତି । ବିଶେଷକରି ଧାନ ଫସଲର ଫୁଲ ଉଡେଇବା ଓ କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି ।


- ଆକ୍ରାନ୍ତ ଗଛର ତଳ ପତ୍ରଗୁଡ଼ିକ ପ୍ରଥମେ ହଳଦିଆ ପଡ଼ିଯାଏ ଏବଂ ପରେ ସମ୍ପୂର୍ଣ୍ଣ ଗଛ ଫିକା ବା ଈଷତ ବାଦାମୀ ରଙ୍ଗର ହୋଇଯାଏ ।
- ଆକ୍ରମଣ ଆରମ୍ଭରେ କ୍ଷେତରେ ଛୋଟ ଛୋଟ ଗୋଲାକାର ଅଞ୍ଚଳରେ ଗଛଗୁଡ଼ିକ ଶୁଖିଯାଏ ଓ ପ୍ରାଦୁର୍ଭାବ ଅଧିକ ହେଲେ ଆକ୍ରାନ୍ତଗଛଗୁଡ଼ିକ ଅଧିକ ଶୁଖିଯାଇ ପୋଡ଼ିଗଲା ଭଳି ଦେଖାଯାଏ। ଏହି ସ୍ଥିତିକୁ 'ହପର୍ ବର୍ନ' କୁହାଯାଏ ।
- ଏହି ଶୋଷକ ପୋକର କ୍ଷତ ସ୍ଥାନରେ ଅପକାରୀ ଅଣୁଜୀବ ମାନଙ୍କର ପ୍ରବେଶ ଦ୍ୱାରା ଗଛ ମୂଳ ସଢ଼ି ଯାଇଥାଏ ।
- ଏମାନଙ୍କ ଦ୍ୱାରା ନିର୍ଗତ ମଧୁ ଶିଶିର, ଗଛର ବୃଦ୍ଧି ଓ ବିକାଶରେ ବ୍ୟାଘାତ କରିଥାଏ ।

### ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକର ପରିଚାଳନା:

- ନିୟମିତ ଭାବରେ ଫସଲ ସର୍ବେକ୍ଷଣ କରନ୍ତୁ ଓ ଧାନ ଗଛ ମୂଳକୁ ଆଡେଇକରି ମାଟିଆ ଗୁଣ୍ଡିପୋକ ଓ ଧଳା ପିଠିଆ ଗୁଣ୍ଡି ପୋକର ଅବସ୍ଥିତି କୁ ଅନୁଧ୍ୟାନ କରନ୍ତୁ ।
- ପୋକ ଆକ୍ରମଣର ପ୍ରାରମ୍ଭିକ ଅବସ୍ଥାରେ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ଓ ଆବଶ୍ୟକ ହେଲେ ଏକର ପ୍ରତି ୧୨ କି.ଗ୍ରା. ପୋଟାଶ ସାର ପ୍ରୟୋଗ କରନ୍ତୁ ।
- ଜଳ ସେଚନ ଓ ଜଳ ନିଷ୍କାସନର ସୁବିଧା ଥିଲେ କ୍ଷେତରେ ଠିଆ ପାଣି ନରଖି ଜମିକୁ ପର୍ଯ୍ୟାୟ କ୍ରମେ ଶୁଖିଲା ଓ ଓଦା ରଖନ୍ତୁ ।



ୟୁରିୟା ପକାନ୍ତୁ ନାହିଁ



ଜଳ ନିଷ୍କାସନ କରନ୍ତୁ

- ନିୟମିତ ଅନ୍ତରରେ ପ୍ରତି ୧୦ ଫୁଟ ଛାଡି ପୂର୍ବ-ପଶ୍ଚିମ କରି କ୍ଷେତରେ ପାହି କାଟି ଦିଅନ୍ତୁ, ଅର୍ଥାତ୍ ବଢିଥିବା ଧାନକୁ ଦୁଇ ପଟକୁ ଆଡେଇ ଦିଅନ୍ତୁ ଯେପରିକି ଗଛର ମୂଳରେ ସୂର୍ଯକିରଣ ପଡିବ ଓ ବାୟୁ ଚଳାଚଳ ହେବ ।
- ଏହି ସମୟରେ ସଂଶ୍ଳିଷ୍ଟ ପ୍ରାଇରିଥଏଡ଼ କୀଟନାଶକ କୁ ପ୍ରୟୋଗ କରନ୍ତୁ ନାହିଁ ଓ ଗୁଣ୍ଡି ପୋକର ଆକ୍ରମଣ ଓ କ୍ଷୟକ୍ଷତି କୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ ।
- ଯଦି ଆପଣଙ୍କ ବିଲରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି ତେବେ ପ୍ରତିଷେଧକ ଭାବେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ (୧୫୦୦ ପିପିଏମ ଆଜାଡିରାକ୍ଟିନ୍) କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ସର୍ବେକ୍ଷଣରୁ ବୁଦାପ୍ରତି ପୋକ ସଂଖ୍ୟା ୨ -୫ ଥିଲେ ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ବା କ୍ଲୋଥିଆନିଡିନ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ ।
- ବୁଦା ପ୍ରତି ୫ ରୁ ୧୦ ଟି ଗୁଣ୍ଡି ପୋକର ଅବସ୍ଥିତିକୁ ଦେଖିଲେ, ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି ବା ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. ବା ୯୫ ମିଲି ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି ବା ଏକର ପ୍ରତି ୧୩୫ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ୧୫% + ପାଇମେଟ୍ରୋଜିନ୍ ୪୫% ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।

**ବି.ଦ୍ର. ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ ଗବେଷଣା କେନ୍ଦ୍ର, କୃଷି ଅଧିକାରୀ ଓ ସମୃଦ୍ଧ କୃଷି ଦେୟମୁକ୍ତ ନମ୍ବର ୧୫୫୩୩୩ ସହ ଯୋଗାଯୋଗ କରନ୍ତୁ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡିଶା ଓ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି**